## ଡେଲାଙ୍ଗ ହରିପୁର ବୋମାମାଡ଼ ଓ ଗୁଳିକାଣ୍ଡ ଘଟଣା

# ଅଟକ ବ୍ୟକ୍ତିଙ୍କୁ ଛାଡ଼ିବା ଦାବିରେ ପିପିଲି ଥାନା ଘେରଉ

ପିପିଲି, ୧୬।୫(ସମିସ)

ଡେଲାଙ୍ଗ ହରିପୁର ବୋମାମାଡ଼ ଘଟଣାରେ ଅଟକ ଥିବା ୪ ଜଣ ବ୍ୟକ୍ତିଙ୍କୁ ଛାଡ଼ିବା ପାଇଁ ପିପିଲି ଥାନା ଘେରଉ କଲେ ଶତାଧିକ ଲୋକ। ଦୋଷୀମାନଙ୍କୁ ନ ଧରି ପୁଲିସ ନିର୍ଦ୍ଦୋଷ ଲୋକମାନଙ୍କୁ ଉଠାଇ ଆଣିଥିବା ଅଭିଯୋଗ କରିଥିଲେ ଅଟକ ଥିବା ଲୋକଙ୍କ ପରିବାର ଲୋକେ। ତେବେ ତୁରନ୍ତ ସେମାନଙ୍କୁ ଛଡ଼ାଯାଉ ବୋଲି ଜିଦ୍ ଧରି ପିପିଲି ଥାନା ସମ୍ମୁଖରେ ଧାରଣା ପ୍ରତିବାଦ ଧାରଣା ଦେଇଥିଲେ ଉକ୍ତ ପରିବାର ଲୋକେ। ଏଭଳି ଘଟଣା ଶନିବାର ଅପରାହ୍ନ ୩ଟା ୩୦ରେ ଘଟିବାରୁ ପ୍ରାୟ ଏକ ଘଣ୍ଟା କାଳ ପିପିଲି ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଶେଷରେ ଘଟଣା ନେଇ ପୁରୀ ଏସ୍‌ପି ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



ସୂଚନାଯୋଗ୍ୟ, ଡେଲାଙ୍ଗ ଗୋଡ଼ିପୁଟ ମାଟିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ହରିପୁର ଗ୍ରାମ ପଞ୍ଚାୟତ କଲେଜ ପଛପଟ ଗହୀର ଫାର୍ମ ହାଉସ୍ ଉପରେ ଗତ ୧୩ ତାରିଖରେ ବୋମାମାଡ଼ ସହିତ ଗୁଳିକାଣ୍ଡ ଭଳି ଘଟଣା ଘଟିଥିଲା। ଏହି ବୋମାମାଡ଼ ଘଟଣାରେ ଦୁଇ ଜଣ ମଧ୍ୟ ଆହତ ହୋଇଥିଲେ। ଖଣି କାରବାରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଏଭଳି କାଣ୍ଡ ହୋଇଥିଲାବେଳେ ଗ୍ରାମର ପ୍ରବୀର ଜେନା ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରବୀରଙ୍କ ଅଭିଯୋଗକ୍ରମେ ଡେଲାଙ୍ଗ ଥାନାରେ ୧୩୬/୨୬ରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗ ଆଧାରରେ ଡେଲାଙ୍ଗ ପୁଲିସ ୪ ଜଣଙ୍କୁ ଅଟକ ରଖିଥିଲା। ଅଟକ ବ୍ୟକ୍ତିମାନଙ୍କୁ ଶନିବାର କୋର୍ଟ ଚାଲାଣ କରିବା ପାଇଁ ପିପିଲି ଥାନାକୁ ଅଣାଯାଇଥିଲା। ପିପିଲି ଥାନାରେ କୋର୍ଟ ଚାଲାଣ ପାଇଁ ସମସ୍ତ ପ୍ରକାର ଲେଖାପଢ଼ା ସରିଥିଲା। ଥାନା ଗାଡ଼ି ସେମାନଙ୍କୁ ନେଇ କୋର୍ଟକୁ ଯାଉଥା'ନ୍ତା। ମାତ୍ର ପିପିଲି ଥାନା ମୁଖ୍ୟ ଗେଟ୍ ସମ୍ମୁଖରେ ଶତାଧିକ ମହିଳା ଓ ପୁରୁଷ ଡେଲାଙ୍ଗ ପୁଲିସ ନିର୍ଦ୍ଦୋଷମାନଙ୍କୁ ଧରି ଆଣିଛି, ସେମାନଙ୍କୁ ଛାଡ଼ିବା ଦାବି କରି ଧାରଣା ଦେବା ସହ ପ୍ରତିବାଦ କରିଥିଲେ। ପରେ ପରିସ୍ଥିତି ଅଣାୟତ ହେବାରୁ ପିପିଲି ଥାନା ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ ସେମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଶେଷରେ ୪ ଅଟକ ବ୍ୟକ୍ତିଙ୍କୁ ପୁଲିସ ଗାଡ଼ି ଦ୍ୱାରା ଡେଲାଙ୍ଗ ଥାନାକୁ ନିଆଯାଇ ସେମାନଙ୍କୁ ପିଆର୍ ବଣ୍ଡରେ ଛଡ଼ାଯାଇଥିବା ସହ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## ● କଣାସ ବ୍ଲକରେ ଡିଜେଲ-ପେଟ୍ରୋଲ ଅଭାବ

# ଟାଙ୍କିରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଅପେକ୍ଷା



କଣାସ, ୧୬।୫(ସମିସ): ପ୍ରଧାନମନ୍ତ୍ରୀ ଚାରି ପାଞ୍ଚ ଦିନ ତଳେ ପେଟ୍ରୋଲ ଓ ଡିଜେଲ କମ୍ ବ୍ୟବହାର କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ମଧ୍ୟପ୍ରାଚୀ ଯୁଦ୍ଧ ଯୋଗୁଁ ଡିଜେଲ ଓ ପେଟ୍ରୋଲ ଆସିବାରେ କେତେକ ସମସ୍ୟା ସୃଷ୍ଟି ହେଉଥିବା ଯୋଗୁଁ ପ୍ରଧାନମନ୍ତ୍ରୀ ଡିଜେଲ ଓ ପେଟ୍ରୋଲ ବ୍ୟବହାର କମ୍ କରିବା ପାଇଁ ନିବେଦନ କରିଥିବାରୁ ସେହିଦିନଠାରୁ ପେଟ୍ରୋଲ ଟାଙ୍କିମାନଙ୍କରେ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଜନସଚେତନତା ଅଭାବରୁ ଯେଉଁ ଲୋକର ଗୋଟିଏ ଲିଟର ପେଟ୍ରୋଲ ଦରକାର ସେହି ବ୍ୟକ୍ତି ୫/୧୦ ଲିଟର ପେଟ୍ରୋଲ କିଣୁଛନ୍ତି। କେହି କେହି ବ୍ୟକ୍ତି ବଡ଼ ବଡ଼ ଜାର୍‌କିନ୍‌ରେ ୨୦, ୩୦ କିମ୍ବା ୫୦ ଲିଟର ପେଟ୍ରୋଲ ଆଣି ଘରେ ଗଛିତ ରଖୁଛନ୍ତି। ଅନେକ ମୁନାଫାଖୋର୍ ବ୍ୟକ୍ତି ବଡ଼ ବଡ଼ ଡ୍ରମ୍‌ରେ ପେଟ୍ରୋଲ ଓ ଡିଜେଲ ଆଣି ଚଢ଼ା ଦରରେ ବିକ୍ରି କରୁଛନ୍ତି। କଣାସ ବ୍ଲକରେ ଥିବା ସମସ୍ତ ପେଟ୍ରୋଲ୍ ପମ୍ପରେ ଦୁଇ ଦିନ ହେଲା ପ୍ରବଳ ଭିଡ଼ ଲାଗିଥିବାବେଳେ ଶନିବାର ପେଟ୍ରୋଲ ପମ୍ପଗୁଡ଼ିକ ବନ୍ଦ ରହିଛି।

# ପାଣି ପମ୍ପ୍ ଚୋରି ଅଭିଯୋଗରେ ଜଣେ ଗିରଫ



ବଳଙ୍ଗା, ୧୬।୫(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ରେସିଙ୍ଗା ଗ୍ରାମରେ ଏକ ୨ ଏଚ୍‌ପି ପାଣି ପମ୍ପ ଚୋରି ହୋଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ବଳଙ୍ଗା ଥାନା ରେସିଙ୍ଗା ଗ୍ରାମର ପ୍ରସନ୍ନ ନାୟକ ତାଙ୍କ ବିଲରେ ଚାଷ କରିବା ପାଇଁ ଏକ ପାଣି ମୋଟର କିଣି ଘରେ ରଖିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ମୋଟର ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବଳଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆଧାରରେ ସେହି ଗ୍ରାମର ସତ୍ୟରଞ୍ଜନ ନାୟକ (୨୧)ଙ୍କୁ ଧରି ତାଙ୍କ ଘରୁ ପାଣି ପମ୍ପକୁ ଜବତ କରିବା ସହିତ ୧୫୧/୨୬ରେ ଏକ ମାମଲା ରୁଜୁ କରି ନିମାପଡ଼ା କୋର୍ଟକୁ ପଠାଇ ଦିଆଯାଇଛି।

# ସ୍କୁଲରୁ ଗ୍ୟାସ୍ ଟାଙ୍କି ଓ ଚାଉଳ ଚୋରି

ନୟାହାଟ, ୧୬।୫(ସମିସ): ନୟାହାଟ ଫାଣ୍ଡି ଅଞ୍ଚଳର ଏକ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରୁ ଗ୍ୟାସ୍ ଟାଙ୍କି, ଚାଉଳ ଓ ଅନ୍ୟ ସାମଗ୍ରୀ ଚୋରି ହେବା ନେଇ ନୟାହାଟ ଫାଣ୍ଡିରେ ଶନିବାର ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତ କୋଲର ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରୁ ଶୁକ୍ରବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ତାଲା ଭାଙ୍ଗି ବିଦ୍ୟାଳୟର ଦୁଇଟି ଗ୍ୟାସ୍ ଟାଙ୍କି, ୫୦ କେଜି ଚାଉଳ ଚୋରି ହେବା ଓ ସେହିପରି ଅଙ୍ଗନବାଡ଼ି କେନ୍ଦ୍ରରୁ ଦୁଇଟି ଗ୍ୟାସ୍ ଟାଙ୍କି, ୭୦ କେଜି ଚାଉଳ ଚୋରି ହେବା ଅଙ୍ଗନବାଡ଼ି କର୍ମୀ ଜୟଶ୍ରୀ ପହରାଜ ଓ କୋଲର ପ୍ରାଥମିକ ଶିକ୍ଷୟିତ୍ରୀ ରଶ୍ମିତା ସିଂ ଅଭିଯୋଗ କରିଛନ୍ତି। ଏଠାରେ ପ୍ରକାଶ ଥାଉକି, ଦେସ୍ଥଳି ପଞ୍ଚାୟତର ତ୍ରିଲୋଚନ ବିଦ୍ୟାପୀଠର ଗ୍ୟାସ୍ ଟାଙ୍କି, ଚାଉଳ, ନଗଦ ଟଙ୍କା ସେହିପରି ଶାସନ ଛକ ବିଦ୍ୟାଳୟ ଓ ନରସିଂହପୁର ବିଦ୍ୟାଳୟରୁ ଚୋରି ହେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଅଭିଯୁକ୍ତ ଗିରଫ ହୋଇ ନ ଥିବାବେଳେ କୋଲର ବିଦ୍ୟାଳୟର ଚୋରି ପୁଲିସର ମୁଣ୍ଡବ୍ୟଥାର କାରଣ ହୋଇଛି। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ନିଶାଖୋର୍ ବ୍ୟକ୍ତିଙ୍କ କାର୍ଯ୍ୟ ହୋଇପାରେ ବୋଲି ପୁଲିସ ଅନୁମାନ କରାଯାଉଛି।

# ପର୍ଯ୍ୟଟନ ବିଭାଗକୁ ଗୋଚର ଜମି ହସ୍ତାନ୍ତର ସ୍ଥଗିତ କଲେ ତହସିଲ୍‌ଦାର

ନୟାହାଟ, ୧୬।୫(ସମିସ): ଗୋଚର ଜମିକୁ ପର୍ଯ୍ୟଟନ ବିଭାଗ ନାମରେ ପଟ୍ଟା କରିନେବା ସମ୍ପର୍କରେ ହାଇକୋର୍ଟରେ ମାମଲା ରୁଜୁ ହେବା ପରେ ଗୋପ ତହସିଲ୍‌ଦାର ଶୁକ୍ରବାର ଜମି ଯୋଗାଣକୁ ସ୍ଥଗିତ ରଖିଛନ୍ତି।

ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ରାଜସ୍ୱ ନିରୀକ୍ଷକଙ୍କ ଅଧୀନରେ ଥିବା ବରୀମୁଣ୍ଡ ମୌଜାର ଖାତା ନମ୍ବର ୩୨୭, ପ୍ଲଟ୍ ନମ୍ବର ୫୯/୧୮୧୧ରେ ଥିବା ୦.୮୧ ଡେସିମିଲ ଓ ଖାତା ନମ୍ବର ୩୩୦, ପ୍ଲଟ୍ ନମ୍ବର ୬୪, ୬୫, ୫୯ରେ ୦.୮୪ ଡେସିମିଲ ଗୋଚର ଜମିକୁ ବାଲିକପିଳେଶ୍ୱର ପର୍ଯ୍ୟଟନ ବିକାଶ ନାମରେ ପଟ୍ଟା କରିନେବା ସମ୍ପର୍କରେ କମଳାକାନ୍ତ ବେଉରା ଓ ଗ୍ରାମବାସୀ ହାଇକୋର୍ଟରେ କେସ୍ ନମ୍ବର ଡବ୍ଲ୍ୟୁପିସି ୮୪୫୯/୨୬ ରେ ଏକ ମାମଲା ରୁଜୁ ହେବାପରେ ଗ୍ରାମବାସୀମାନେ ପୁରୀ ଜିଲ୍ଲାପାଳ ଓ ଗୋପ ତହସିଲ୍‌ଦାରଙ୍କୁ ଉକ୍ତ ହାଇକୋର୍ଟ କେସ୍‌ର ନକଲ ପ୍ରଦାନ କରିଥିଲେ। ଗତ ଶୁକ୍ରବାର ଗୋପ ତହସିଲ୍‌ଦାର ସୂର୍ଯ୍ୟକାନ୍ତ ଦାସ ଗୋଚର ଜମି ପଟ୍ଟା କରିନେଇଥିବା ସଂସ୍ଥାକୁ ଜମିର ଦଲିଲ୍ ପତ୍ର ଦର୍ଶାଇବା ପାଇଁ ନୋଟିସ୍ ଜାରି କରିଥିଲେ ଏବଂ ବାରୀମୁଣ୍ଡ ଗ୍ରାମବାସୀ ନଟବର ପ୍ରଧାନ, କମଳାକାନ୍ତ ବେଉରା, ଦିବ୍ୟସିଂହ ସ୍ୱାଇଁ, ପ୍ରତାପ ରାଉତ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଶୋକ ବେହେରା, ଅଜୟ ସ୍ୱାଇଁ ପ୍ରମୁଖ ଗୋପ ତହସିଲ୍‌ଦାରଙ୍କୁ ଶୁକ୍ରବାର ସର୍ବସାଧାରଣ ନୋଟିସ୍ ପାଇ ତାଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରିବାରେ ତହସିଲ୍‌ଦାର କହିଥିଲେ ବର୍ଷେ ହେଲା ଉକ୍ତ ସଂସ୍ଥା ପଟ୍ଟା କରି ନେଲେଣି, ତୁମେ ଆଜି ପର୍ଯ୍ୟନ୍ତ କୋଉଠି ଥିଲ। ଗ୍ରାମର ନଟବର ପ୍ରଧାନ, କମଳାକାନ୍ତ ବେଉରା ତହସିଲ୍‌ଦାରଙ୍କୁ କହିଥିଲେ ଆମେ ଏ ସମ୍ପର୍କରେ ଜାଣିନୁ। ଆମର ଦସ୍ତଖତକୁ ଜାଲ୍ କରାଯାଇ ପଟ୍ଟା ବାହାର କରାଯାଇଛି। ଏ ସମ୍ପର୍କରେ ବରୀମୁଣ୍ଡ ଗ୍ରାମବାସୀ ଜାଣିବା ପରେ ହାଇକୋର୍ଟରେ ମୋକଦ୍ଦମା ରୁଜୁ କରିବା ପରେ ଗୋପ ତହସିଲ୍‌ଦାର ସୂର୍ଯ୍ୟକାନ୍ତ ଦାସ ଏହିସବୁ ଘଟଣା ଜାଣିବା ପରେ ହାଇକୋର୍ଟରେ ମୋକଦ୍ଦମା ବିଚାରାଧୀନ ଥିବାରୁ ଉକ୍ତ ସଂସ୍ଥାକୁ ଜମି ଯୋଗାଣକୁ ସ୍ଥଗିତ ରଖିଥିଲେ। ଏନେଇ ତହସିଲ୍‌ଦାରଙ୍କୁ ଯୋଗାଯୋଗ କରିବାରେ ତାଙ୍କ ଫୋନ୍ ବନ୍ଦ ଥିବାରୁ ତାଙ୍କ ମତାମତ ନିଆଯାଇପାରି ନାହିଁ।

# ଡିଜେଲ ଅଭାବରୁ ଚିଲିକାରେ ଫସିଛନ୍ତି ମତ୍ସ୍ୟଜୀବୀ



କଣାସ, ୧୬।୫(ସମିସ): ଚିଲିକାକୁ ମାଛ ଧରିବାକୁ ଯାଇଥିବା କିଛି ମତ୍ସ୍ୟଜୀବୀଙ୍କ ଯନ୍ତ୍ରଚାଳିତ ଡଙ୍ଗାରୁ ଡିଜେଲ ସରିଯିବାରୁ ୨/୩ ଦିନ ହେଲା ଚିଲିକା ମଝିରେ ଫସିରହିଛନ୍ତି। ଘରକୁ ଫେରି ନ ପାରି କୁଦରେ ଅଟକି ରହିଛନ୍ତି। ବର୍ତ୍ତମାନ ପେଟ୍ରୋଲ-ଡିଜେଲର ଯେପରି ଅଭାବ ପରିଲକ୍ଷିତ ହୋଇଛି ଏହାର ପ୍ରଭାବ ମତ୍ସ୍ୟଜୀବୀଙ୍କ ଉପରେ ପଡ଼ିଛି।

ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ କଣାସ ବ୍ଲକ ଜାଗୁଲାଇପଦର, କଉଡ଼ିଖଣି, ଗଙ୍ଗାଧରପୁର, ସରସ୍ୱତୀ ନଗର, ନଈକୂଳପାଟଣା, କରମଳା, ଦୟାବିହାର, ନୂଆଗାଁ ନୂଆଦୋକନ୍ଦା, କଦଳୀଦଣ୍ଡା, ଜଙ୍ଘାର, କରମଳା, ହରିହରପାଟଣା, ବଳଭଦ୍ରପୁର, ଜଙ୍କିଆ ପ୍ରଭୃତି ଗ୍ରାମରେ ୧୦ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ବାସ କରନ୍ତି। ଏହି ମତ୍ସ୍ୟଜୀବୀ ପରିବାର ଦୈନନ୍ଦିନ ଯନ୍ତ୍ରଚାଳିତ ଡଙ୍ଗା ନେଇ ଚିଲିକାକୁ ପ୍ରଭାତରୁ ମାଛ ମାରିବାକୁ ଯାଇ ସନ୍ଧ୍ୟାରେ ଫେରିଆସନ୍ତି। ଦୁଇ ତିନି ଦିନ ହେଲା ଡିଜେଲ ଓ ପେଟ୍ରୋଲ ମିଳୁ ନ ଥିବାରୁ ବହୁ ମତ୍ସ୍ୟଜୀବୀ ଯନ୍ତ୍ରଚାଳିତ ଡଙ୍ଗା ନେଇ ଚିଲିକାକୁ ମାଛ ମାରିବାକୁ ଯାଇଥିଲେ। ଡିଜେଲ ସରିଯିବାରୁ ଚିଲିକାରେ ଦୁଇ ତିନି ଦିନ ହେଲା ସେମାନେ ଡଙ୍ଗା ସହିତ କୁଦାରେ ଭୋକ ଉପାସରେ ପଡ଼ି ଅଟକି ରହିଛନ୍ତି। ଅନେକ ମତ୍ସ୍ୟଜୀବୀ ମଧ୍ୟ ଡିଜେଲ ନ ମିଳୁଥିବାରୁ ଚିଲିକାକୁ ଯାଇ ନ ପାରି ଗାଁରେ ହାତ ବାନ୍ଧି ବସି ରହିଛନ୍ତି। ପ୍ରଶାସନ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ କିପରି ସୁବିଧାରେ ଡିଜେଲ ମିଳିପାରିବ ସେଥିପ୍ରତି ଧ୍ୟାନ ଦେବାକୁ ମତ୍ସ୍ୟଜୀବୀମାନେ ନିବେଦନ କରିଛନ୍ତି।

# ଅଲ୍ ଓଡ଼ିଶା କ୍ଷେତ୍ରପାଳୀ କପ୍: ଏନ୍‌ସିଟି ଚାମ୍ପିଅନ

ପିପିଲି/ପୁରୀ, ୧୬।୫(ସମିସ): ଆଞ୍ଚଳିକ ଯୁବ ସଂଗଠନ, ପିପିଲିଙ୍କ ଆୟୋଜନରେ '୧ମ ଅଲ୍ ଓଡ଼ିଶା କ୍ଷେତ୍ରପାଳୀ କପ୍-୨୦୨୬' ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗରିମାମୟ ପରିବେଶରେ




ସଫଳତାର ସହିତ ସମାପ୍ତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ପିପିଲି ଥାନା ଭାରପ୍ରାପ୍ତ ଅଧିକାରୀ ସୌମେନ୍ଦୁ ତ୍ରିପାଠୀ, ପିପିଲି ବ୍ଲକର ପୂର୍ବତନ ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀ ଓ ପୂର୍ବତନ ରଣଜୀ ଖେଳାଳି ଦୀପକ ମଙ୍ଗରାଜଙ୍କ ଦ୍ୱାରା କରାଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୮ଟି ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସମଗ୍ର ଟୁର୍ଣ୍ଣାମେଣ୍ଟରେ ଉତ୍ସାହଜନକ ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ପ୍ରଦର୍ଶନ ହୋଇଥିଲା। ଶେଷ ଦିନରେ ମୁଖ୍ୟ ଅତିଥି ଭାବେ 'ସକାଳ'ର ପ୍ରକାଶକ ଅମିତ୍ ମଲ୍ଲିକ ଯୋଗଦେଇଥିଲେ। ତାଙ୍କର ପ୍ରେରଣାଦାୟକ ଉଦ୍‌ବୋଧନ ସମସ୍ତଙ୍କୁ ଉତ୍ସାହିତ କରିଥିଲା। ଫାଇନାଲ୍ ମ୍ୟାଚ୍ ଅତ୍ୟନ୍ତ ରୋମାଞ୍ଚ ହୋଇଥିଲା ଓ ଦୁଇ ଦଳର ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। ଶେଷରେ ବିଜେତା ଦଳ ଏନ୍‌ସିଟି, ପିପିଲିକୁ ଟ୍ରଫି ସହ ୫୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳ ବିସିସି, ସନ୍ଥପୁରା, କେନ୍ଦ୍ରାପଡ଼ାକୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଏହି ସଫଳ ଆୟୋଜନ ପାଇଁ ଆୟୋଜକ ମଣ୍ଡଳୀ ସମସ୍ତ ସହଯୋଗୀ ଓ ଦର୍ଶକମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି। ଏପରି କ୍ରୀଡ଼ା ଆୟୋଜନ ଯୁବପିଢ଼ିଙ୍କୁ ପ୍ରେରଣା ଦେବା ସହ ଖେଳଧୃତିର ଉନ୍ନତିରେ ଉଲ୍ଲେଖନୀୟ ଭୂମିକା ନିଭାଇବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି।

# ସାବିତ୍ରୀ ବ୍ରତ ପାଳି ସ୍ୱାମୀଙ୍କ ଦୀର୍ଘାୟୁ କାମନା

ବ୍ରହ୍ମଗିରି, ୧୬।୫(ସମିସ): ଆମ ଓଡ଼ିଆ ଜାତିର ସଂସ୍କୃତି ପରମ୍ପରାରେ ବାର ମାସରେ ତେର ପର୍ବ ପାଳିତ ହୋଇଆସୁଛି। ତା' ମଧ୍ୟରେ ସାବିତ୍ରୀ ଅମାବାସ୍ୟା ଅନ୍ୟତମ ଅଟେ। ଏହି ପର୍ବଟି ଜ୍ୟେଷ୍ଠ ମାସ ଅମାବାସ୍ୟା ଦିନ କେବଳ ସ୍ୱାମୀମାନଙ୍କ ପାଇଁ ପାଳନ କରିଥା'ନ୍ତି। ଶନିବାର ବ୍ରହ୍ମଗିରି ଅଞ୍ଚଳରେ ସକାଳୁ ସକାଳୁ ସବୁ ଶିବ ମନ୍ଦିରରେ ସାବିତ୍ରୀମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ପତ୍ନୀମାନେ ନିଜ ସ୍ୱାମୀଙ୍କ ମଙ୍ଗଳ କାମନା କରି ଭକ୍ତି ଓ ନିଷ୍ଠାର ସହିତ ବ୍ରତ ପାଳନ କରିଥା'ନ୍ତି। ସଧବା ମହିଳାମାନେ ପ୍ରାତଃରୁ ଶୁଦ୍ଧପୂତ ଭାବେ ସ୍ନାନସାରି ନୂଆବସ୍ତ୍ର ପରିଧାନ କରି ଉପବାସ କରିଥା'ନ୍ତି। ନୂଆ ଲୁଗା, ସିନ୍ଦୂର, ଶଙ୍ଖା, ବିଭିନ୍ନ ପ୍ରକାର ଫଳମୂଳ ମନ୍ଦିରରେ ପୂଜା କରିଥିଲେ। ମନ୍ଦିରରେ ପୂଜା ସାରିବା ପରେ ଘରକୁ ଯାଇ ନିଜ ନିଜ ସ୍ୱାମୀଙ୍କୁ ପ୍ରଣାମ କରିଥା'ନ୍ତି। ବ୍ରହ୍ମଗିରି ଅଞ୍ଚଳରେ ସମସ୍ତ ଶିବ ମନ୍ଦିର ଓ ଅଲାରନାଥଙ୍କ ପ୍ରାଙ୍ଗଣରେ ଥିବା ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ଅଭିଯୋଗ

ନିମାପଡ଼ା, ୧୬।୫(ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ପେଟଘାଇ କଲୋନୀର ଗୋବର୍ଦ୍ଧନ ବରାଳଙ୍କ ଘର ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗୋବର୍ଦ୍ଧନଙ୍କ ଦେହ ଅସୁସ୍ଥ ଥିବାରୁ ସେ ସପରିବାର ୧୦ ତାରିଖଠାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେବା ପାଇଁ ଯାଇଥିଲେ। ତେବେ ସେ ପଡ଼ୋଶୀଙ୍କଠାରୁ ଶୁଣିବାକୁ ପାଇଲେ ତାଙ୍କ ଘରର କବାଟ ଭଙ୍ଗାଯାଇଛି। ଶନିବାର ଭୁବନେଶ୍ୱରରୁ ଘରକୁ ଆସି ଦେଖିବାରେ ଆଲମିରା ଓ ଆଲେଣାର ସିକ୍ରେଟ୍ ବକ୍ସ ଭଙ୍ଗାଯାଇ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ୫୦ହଜାର ଟଙ୍କା ଚୋରି ଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ତଦନ୍ତ ଚାଲୁରଖିଛି।

# ଧାନ ବୋଝେଇ ଭ୍ୟାନ୍ ଧକ୍କାରେ ଯୁବକ ଆହତ

ସାକ୍ଷୀଗୋପାଳ, ୧୬।୫(ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପଟ୍ଟନାୟିକିଆ ଛକ ନିକଟରେ ଶନିବାର ପୂର୍ବାହ୍ନ ୧୧ଟାରେ ଏକ ଦୁର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରରାମଚନ୍ଦ୍ରପୁର ଗ୍ରାମର ରତିରଞ୍ଜନ ମିଶ୍ର (୩୯)। ପ୍ରକାଶ ଯେ, ସେ ବାଇକ୍ ଯୋଗେ ଭୁବନେଶ୍ୱର ଯାଉଥିଲେ। ପଟ୍ଟନାୟିକିଆ ଛକ ନିକଟରେ ବରାଳଠାରୁ ଡେଲାଙ୍ଗ ଯାଉଥିବା ଧାନ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ବାଇକ୍ ଆରୋହୀ ଶ୍ରୀ ମିଶ୍ର ରାଜପଥ ଉପରକୁ ଖସି ପଡ଼ିଥିଲେ। ଭ୍ୟାନ୍‌ଟି ଶ୍ରୀ ମିଶ୍ରଙ୍କ ଡାହାଣ ଗୋଡ଼ ଉପରେ ଚଢ଼ି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସତ୍ୟବାଦୀ ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିଟିକୁ ଜବତ କରି ଘଟଣାର ତଦନ୍ତ କରୁଛି।

# ଅଜଣା ଗାଡ଼ି ଧକ୍କାରେ ଏନ୍‌ଏସି ଠିକା କର୍ମଚାରୀଙ୍କ ମୃତ୍ୟୁ



ନିମାପଡ଼ା, ୧୬।୫(ସମିସ): ନିମାପଡ଼ା-ବଳଙ୍ଗା ରାସ୍ତାର ନୁହାରକିରୀ ଛକ ନିକଟରେ ଜଣେ ଯୁବକଙ୍କର ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବରରୁ ଜଣାଯାଇଛି ଯେ, ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦରେ ରାତ୍ର ଜଗୁଆଳୀ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ ତରଡ଼ାପଡ଼ା ଗ୍ରାମର ସୁରେଶ କୁମାର ସେଠୀ (୪୬)। ଶନିବାର ଅଫିସରେ ନିଜ କାମ ସାରି ସକାଳୁ ଘରକୁ ଫେରୁଥିବା ସମୟରେ ନୁହାରକିରୀ ଛକରେ ଏକ ଅଜଣା ଗାଡ଼ି ଧକ୍କା ଦେବା ଫଳରେ ସେ ଭାରସାମ୍ୟ ହରାଇ ସେଠାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ସେଠାରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ନିମାପଡ଼ା ପୁଲିସ ସେଠାରେ ପହଞ୍ଚି ୧୫୨/୨୬ରେ ଏକ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ପରେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ନେଇ ପରିବାର ପକ୍ଷରୁ ସୂଚନା ମିଳିଛି।

# ସାମୂହିକ ଗଳ୍ପ କଥନ କର୍ମଶାଳା ଉଦ୍‌ଯାପିତ

ପୁରୀ, ୧୬।୫(ସମିସ): ଆଉ ୧୦ ବର୍ଷ ଗଲେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ। ବିକଶିତ ଓଡ଼ିଶାର ସ୍ୱର ସମଗ୍ର ଦେଶରେ ପ୍ରତିଧ୍ୱନିତ ହେବା ପାଇଁ ପ୍ରତି ଓଡ଼ିଆର ଦାୟିତ୍ୱ ଅଛି। ଏହି ଦାୟିତ୍ୱବୋଧକୁ କିପରି ପାଳନ କରିହେବ, ଆମର ବ୍ୟକ୍ତିଗତ ଉପଲବ୍ଧିର ଗାଥାକୁ କିପରି ସାମଗ୍ରିକ ବିକାଶର ସୂତ୍ରରେ ବାନ୍ଧି ସମଗ୍ର ବିଶ୍ୱ ଆଗରେ ଚୁମ୍ବକୀୟ କାହାଣୀ ମାଧ୍ୟମରେ ଉପସ୍ଥାପନ କରିହେବ, ଗ୍ରାହକ ରୁଚି ଅନୁସାରେ ନିଜର ଉତ୍ପାଦକୁ କିପରି ସିଧାସଳଖ ବଜାରରେ ବିକ୍ରି କରି ରାଷ୍ଟ୍ରୀୟ ଅର୍ଥନୀତିକୁ ସୁଦୃଢ଼ କରିହେବ ସେ ପ୍ରସଙ୍ଗରେ ଦିଲ୍ଲୀସ୍ଥିତ ପ୍ଲକ୍ ଓ ସ୍ଥାନୀୟ ସେଚ୍ଛାସେବୀ ଅନୁଷ୍ଠାନ 'ସମ୍ପର୍କ'ର ମିଳିତ ଆନୁକୂଲ୍ୟରେ ୟୁଥ୍ ହଷ୍ଟେଲ ପରିସରରେ ଆୟୋଜିତ ହୋଇଯାଇଛି ଏକ ଦ୍ୱିଦିବସୀୟ କର୍ମଶାଳା। ଗୁରୁବାର ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ମାନସ କୁମାର ବାରିକ୍ ଯୋଗଦେଇ 'ସମ୍ପର୍କ'କୁ ଶୁଭେଚ୍ଛା ଜଣାଇବା ସହ କେମିତି ଆଗକୁ ଏହି କ୍ଷେତ୍ରରେ ଅଧିକ ଉଦ୍ୟୋଗୀ ହେବେ ସେ ନେଇ ମତବ୍ୟକ୍ତ କରିଥିଲେ। ସାମାଜିକ ଗଣମାଧ୍ୟମ ପ୍ରଭାବକାରୀ ପ୍ରତ୍ୟୁଷ ଦାସ, ଆଶିଷ କୁମାର ମାର୍ଥା, ବାସୁଦେବ ସେନାପତି, ଶୁଭ ପ୍ରସାଦ ଶର୍ମା, ରାକେଶ ସେଠୀ, ଆଶୁତୋଷ ବିଶ୍ୱାଳ, ସୁନୀଲ ମହାପାତ୍ର ପ୍ରମୁଖ ଏହି କର୍ମଶାଳାକୁ ପରିଚାଳନା କରିଥିଲେ। ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର, ଶିପ କଳା, କାଗଜ ମୁଖା, ଗୋବର କଣ୍ଢେଇ, ଜରି କାମ, ସୋଲ କାମ, ବାନା ତିଆରି, ଧାନରେ ତିଆରି ମୂର୍ତ୍ତି, ଟେରାକୋଟା ସହ ଜଡ଼ିତ ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ମହିଳା ଓ ଅନ୍ୟ କାରିଗର ଏହି କର୍ମଶାଳାରେ ଯୋଗଦେଇଥିଲେ।

## ● ମହିଳାଙ୍କ ଘରେ ପଶି ଦୁଷ୍କର୍ମ ଉଦ୍ୟମ ଅଭିଯୋଗ

# ଘରେ ତାଲା ପକାଇଲେ ଶାଶୂ; ପୁଲିସ ଉଦ୍ଧାର କଲା

ବ୍ରହ୍ମଗିରି, ୧୬।୫(ସମିସ): ବ୍ରହ୍ମଗିରି ଥାନା ଅଧୀନ କଟକପଡ଼ା ଗ୍ରାମରେ ଶୁକ୍ରବାର ରାତି ୧ଟାରେ ପୁଲିସ ଖବର ପାଇ ଏକ ବନ୍ଦ କୋଠରିରୁ ଜଣେ ଯୁବକଙ୍କୁ ଉଦ୍ଧାର କରିଛି। ସେହି କୋଠରିରେ ଜଣେ ମହିଳାଙ୍କ ସହିତ ସେହି ଗ୍ରାମର ଉଦ୍ଧାର ହୋଇଥିବା ନନ୍ଦକିଶୋର ବେହେରାଙ୍କୁ ପୁଲିସ ଥାନାରେ ଅଟକ ରଖିଛି। ମହିଳା ଜଣକ ନନ୍ଦକିଶୋରଙ୍କ ନାମରେ ଥାନାରେ ଦୁଷ୍କର୍ମ ଅଭିଯୋଗ କରିଛନ୍ତି।

ଖବର ନେବାରେ ଜଣାପଡ଼ିଛି, ନନ୍ଦକିଶୋର ଏବଂ ସେହି ମହିଳାଙ୍କ ମଧ୍ୟରେ ଅନେକ ଦିନ ଧରି ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଏହି ଘଟଣାକୁ ନେଇ ମହିଳାଙ୍କ ସ୍ୱାମୀ ନନ୍ଦକିଶୋର ତାଙ୍କୁ ଅତୀତରେ ବାରମ୍ବାର ତାଗିଦ୍ କରିଥିଲେ। ବର୍ଷେ ତଳେ ଏହି ଘଟଣା ଉଗ୍ରରୂପ ନେଇଥିଲା। ଦୁଇ ପରିବାର ମଧ୍ୟରେ ମାର୍‌ପିଟ୍ ହୋଇଥିଲେ। ଏଥିରେ ନନ୍ଦକିଶୋରଙ୍କ ଦାଦାଙ୍କର ମୃତ୍ୟୁ ହୋଇଥିଲା। ହତ୍ୟା ଅଭିଯୋଗରେ ମହିଳାଙ୍କ ସ୍ୱାମୀ ଓ ଦିଅର ଦୁହେଁ ଜେଲ୍‌ରେ ସଜା କାଟୁଛନ୍ତି। ଏତେ ପରେ ବି ପ୍ରେମ ଥମି ନ ଥିଲା। ମହିଳାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଶୁକ୍ରବାର ବିଳମ୍ବିତ ରାତିରେ ନନ୍ଦକିଶୋର ତାଙ୍କ ଘରକୁ ଯାଇଥିଲେ। ଘର ଭିତରୁ କିଛି ଶବ୍ଦ ହେଉଥିବା ମହିଳାଙ୍କ ଶାଶୂ ଶୁଣିବାକୁ ପାଇଥିଲେ। ଫଳରେ ବାହାରପଟୁ ଦୁଆର ବନ୍ଦ କରି ଲୋକମାନଙ୍କୁ ଡାକିଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ରାତିରେ ବନ୍ଦ କୋଠରିରେ ନନ୍ଦକିଶୋର ଏବଂ ସେହି ମହିଳା ଥିଲେ। ରାତିରେ ସେଠାରୁ ନନ୍ଦକିଶୋରଙ୍କୁ ପୁଲିସ ଥାନାକୁ ନେଇଯାଇଥିଲେ। ମହିଳା ଜଣକ ନନ୍ଦକିଶୋର ନାମରେ ବ୍ରହ୍ମଗିରି ଥାନାରେ ଶନିବାର ଦୁଷ୍କର୍ମ କରିବା ପାଇଁ ତାଙ୍କ ଘରେ ପଶିଥିବା ଅଭିଯୋଗ କରିଥିଲେ। ମହିଳାଙ୍କ ଅଭିଯୋଗକୁ ନେଇ ପୁଲିସ କେସ୍ ନମ୍ବର ୨୨୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବ୍ରହ୍ମଗିରି ଥାନା ଅଧିକାରୀ ବାମଦେବ ସ୍ୱାଇଁ ସୂଚନା ଦେଇଛନ୍ତି।

# ନୃତ୍ୟାଳୟ ଡ୍ୟାନ୍ସ ଏକାଡେମୀର ବୈଶାଖୀ ଉତ୍ସବ

ନିମାପଡ଼ା, ୧୬।୫(ସମିସ)



ନିମାପଡ଼ାର ଓଡ଼ିଶୀ ନୃତ୍ୟ ଶିକ୍ଷାନୁଷ୍ଠାନ ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀର ୧୭ତମ ବୈଶାଖୀ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ସହିଦ ଭବନ ପରିସରସ୍ଥ ମୁକ୍ତାକାଶ ମଞ୍ଚରେ ନୃତ୍ୟାଳୟାର ଛାତ୍ରଛାତ୍ରୀ ତଥା ସୁନାମଧନ୍ୟ କଳାକାରମାନଙ୍କୁ ନେଇ ଆୟୋଜିତ ଉତ୍ସବକୁ ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ କୁମାର ବେହେରା, ହେଲ୍ପଲାଇନ୍ ସଭାପତି ଅକ୍ଷୟ କୁମାର ସାହୁ, କୋଣାର୍କ ନାଟ୍ୟ ମଣ୍ଡପ ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛଉନୃତ୍ୟ ଗୁରୁ ରମଣୀ ରଞ୍ଜନ ଜେନା, ସମାଜସେବୀ ବାମଦେବ ଆଲୁକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଗୁରୁ ବିଷ୍ଣୁ ଚରଣ ସାସମଲଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର କୁନିକୁନି ପିଲାମାନଙ୍କୁ ନେଇ ଓଡ଼ିଶୀ ନୃତ୍ୟ ପଦବନ୍ଦେ ମଙ୍ଗଳାଚରଣ, ବସନ୍ତ ପଲ୍ଲବୀ, ଅଭିନୟରେ କି ଶୋଭା ଗୋ କୁଞ୍ଜେ ନବଦୁର୍ଗା, ଚନ୍ଦନ ଚର୍ଚ୍ଚିତ ଆଦି ପରିବେଷଣ ହୋଇଥିଲା। ଏହାପରେ ପଲ୍ଲୀନୃତ୍ୟ ଚଉରା ବନ୍ଦନା, ଆହା କି ସୁନ୍ଦର ଏ ବନଭୂମି, ଥୁକୁଲ ଥାକୁଲ ବାଇ ଚଢ଼େଇ, ସମ୍ବଲପୁରୀ ନୃତ୍ୟ ଚୁଟ୍‌କା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ୨୦୦୬ରେ ଜନ୍ମଲାଭ କରିଥିବା ନୃତ୍ୟାଳୟା ନାମକ ଛୋଟିଆ ନୃତ୍ୟ ଅନୁଷ୍ଠାନ ଆଜି ୧୭ ବର୍ଷର ମହାଦ୍ରୁମରେ ପରିଣତ ହୋଇଛି। ଗୁରୁ ବିଷ୍ଣୁ ସାସମଲ ଏବଂ ସୁଦେଷ୍ଣା ସାସମଲଙ୍କ ଅଗାଢ଼ ପ୍ରଚେଷ୍ଟା, ପରିଶ୍ରମ ବଳରେ ଓଡ଼ିଶୀ ନୃତ୍ୟର ଲୋକପ୍ରିୟତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ନୃତ୍ୟାଳୟା ଆଜି ରାଜ୍ୟ ତଥା ଦେଶ ବାହାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ୧୦୦ରୁ ଊର୍ଦ୍ଧ୍ୱ ପିଲା ଓଡ଼ିଶୀ ନୃତ୍ୟ ଶିକ୍ଷାଲାଭ କରିବା ସହିତ ଏହି ୧୭ ବର୍ଷ ଭିତରେ କେତେ ଯେ ଶିଶୁ କଳାକାର, ଯୁବ କଳାକାର ଦେଶ ବିଦେଶରେ ନାଁ କମେଇଛନ୍ତି ତାହା କହିବା ମୁସ୍କିଲ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ବିଶିଷ୍ଟ ସମାଜସେବୀ ତଥା କୋଣାର୍କ ବସନ୍ତ ମଞ୍ଜରୀ ପାଠାଗାର ସମ୍ପାଦକ ରାମକୃଷ୍ଣ ମହାନ୍ତିଙ୍କୁ ନୃତ୍ୟାଳୟା ସମ୍ମାନରେ ସମ୍ମାନିତ କରାଯାଇଥିଲା। ନିରଞ୍ଜନ ପଲତା ମଞ୍ଚ ପରିଚାଳନା କରିଥିବାବେଳେ ଗୁରୁ ସୁଦେଷ୍ଣା ସାସମଲ, ଇତିଶ୍ରୀ ରାୟ, ରାଜକିଶୋର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ନୟାଗଡ଼ ବ୍ଲକ ରାଜନୀତି ସରଗରମ

# ଅଡୁଆରେ ବ୍ଲକ ଅଧ୍ୟକ୍ଷ କିଶୋର

ନୟାଗଡ଼,୧୬।୫(ସମିସ)

ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବିଜେଡିରୁ ଗତ ୧୨ ତାରିଖ ଇସ୍ତଫା ଦେଲେ। ୧୫ ତାରିଖ ସନ୍ଧ୍ୟାରେ ବିନା ଥାଟବାଟରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମିଶିଲେ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କଲେ। ନୟାଗଡ଼ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନସିର ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବ ଯେଉଁ ଢଙ୍ଗରେ ହେବ ବୋଲି ଅନୁମାନ କରାଯାଉଥିଲା, ସେଭଳି ହୋଇ ନ ଥିଲା। ଏକୁଟିଆ ତରବରିଆ ଭାବେ ବିଜେପିରେ ମିଶିଥିବା ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ବ୍ୟକ୍ତିଗତ କାରଣ ଦର୍ଶାଇ ବିଜେଡି ଛାଡ଼ିଥିବା ବେଳେ ବାସ୍ତବତାକୁ ନେଇ ଏବେ ନୟାଗଡ଼ରେ ପ୍ରବଳ ଚର୍ଚ୍ଚା। କିଶୋର ନିଜର ପରିବହନ ବ୍ୟବସାୟ, ଗଜପତି ଜିଲ୍ଲା ମୋହନାରେ ଚାଲିଥିବା ବେଆଇନ କ୍ରସରକୁ ବଞ୍ଚାଇବାକୁ କୁଆଡ଼େ ବିଜେପି ଶରଣାପନ୍ନ ହୋଇଛନ୍ତି ବୋଲି ଆଲୋଚନା ହେଉଛି। କେନ୍ଦୁଝର ଓ ତାଳଚେରରେ କିଶୋରଙ୍କ ପରିବହନ ବ୍ୟବସାୟ ସହ ଅନ୍ୟାନ୍ୟ ବ୍ୟବସାୟ ରହିଛି।



ଅନୁଗୋଳ ଓ କେନ୍ଦୁଝର ଜିଲ୍ଲାରେ ବିଜେପିର ଦବଦବା ଅଧିକ ଥିବାରୁ, ତାଙ୍କ ବ୍ୟବସାୟ କ୍ଷତିଗ୍ରସ୍ତ ହେଉଥିଲା। ଯେଉଁଥିପାଇଁ ସେ ବିଜେଡି ଛାଡ଼ି ବିଜେପିକୁ ଯାଇଥିବା ଆଲୋଚନା ହେଉଛି। କିଶୋରଙ୍କ ମିଶ୍ରଣ ପରେ ବି ନୟାଗଡ଼ର ମୂଳ ବିଜେପି କର୍ମୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ତ ଦୂରର କଥା, ତାଙ୍କୁ ବିଶ୍ୱାସକୁ ନିଆଯାଉ ନ ଥିବା ସୂଚନା ମିଳିଛି। କିଶୋରଙ୍କୁ ମୂଳ ବିଜେପି କର୍ମୀମାନେ ଭିନ୍ନ ଦୃଷ୍ଟିରେ ଦେଖୁଥିବା ଏବଂ କିଶୋର ଅରୁଣଙ୍କ ରାସ୍ତା ସଫା କରିବାକୁ ବିଜେପିକୁ ଆସିଥିବା ଚର୍ଚ୍ଚା କରୁଛନ୍ତି।

ଅନ୍ୟପକ୍ଷେ, କିଶୋରଙ୍କ ବିଜେଡି ଛାଡ଼ିବାକୁ ସହଜରେ ଗ୍ରହଣ କରି ପାରିନାହାନ୍ତି ନୟାଗଡ଼ ବ୍ଲକର ସରପଞ୍ଚ

- ସ୍ୱାର୍ଥ ଓ ପରିବହନ ବ୍ୟବସାୟ ପାଇଁ ଦଳ ଛାଡ଼ିଲେ
- ସୋମବାର ଆଗତ ହେବ ଅନାସ୍ଥା ପ୍ରସ୍ତାବ
- ବିଶ୍ୱାସକୁ ନେଉ ନାହାନ୍ତି ମୂଳ ବିଜେପି କର୍ମୀ

ଓ ସମିତିସଭ୍ୟ। ସୋମବାର କିଶୋରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ କରାଯିବ ବୋଲି ସୂଚନା ମିଳିଛି। ନୟାଗଡ଼ ବ୍ଲକର ୨୯ଟି ପଞ୍ଚାୟତର ସରପଞ୍ଚ ଓ ସମିତିଙ୍କୁ ମିଶାଇ ମୋଟ ୫୮ ଜଣଙ୍କ ମଧ୍ୟରୁ ୪୫ ଜଣ ସଦସ୍ୟ ତାଙ୍କ ବିରୁଦ୍ଧରେ ଅନସ୍ଥା ପାଇଁ କାଗଜପତ୍ର ପ୍ରସ୍ତୁତ କରିଛନ୍ତି। ନୟାଗଡ଼ ବ୍ଲକରେ ଅନାସ୍ଥା ଭୋଟ ପାଇଁ ୫୮ ଜଣ ସଦସ୍ୟଙ୍କ ସହ ବିଧାୟକ ଓ ସାଂସଦଙ୍କ ଭୋଟକୁ ମିଶାଇଲେ ୬୦ ଭୋଟ ରହିଛି। ଏହା ମଧ୍ୟରୁ ସିନ୍ଦୁରିଆ ସମିତି ସଭ୍ୟ ପଦବୀରୁ ଇସ୍ତଫା ଦେଇଥିବା ବେଳେ କେନ୍ଦୁଡିପି ସରପଞ୍ଚଙ୍କ ଅକାଳ ବିୟୋଗ ହୋଇଛି। ଏହି ଦୁଇ ଭୋଟକୁ ବାଦ ଦେଲେ ମୋଟ ୫୮ ଜଣ ଅନାସ୍ଥାରେ ଭୋଟ ପାଇଁ ଯୋଗ୍ୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ୪୫ ଜଣ ସରପଞ୍ଚ ଓ ସମିତି ସଭ୍ୟ ଅନାସ୍ଥା ପ୍ରସ୍ତାବ ପାଇଁ ପ୍ରସ୍ତୁତ ଅଛନ୍ତି। ଖୁବ୍‌ଶୀଘ୍ର ଅନାସ୍ଥା ଆଗତ କରାଯିବ ବୋଲି ବିଜୁ ଜନତା ଦଳ ପକ୍ଷରୁ ସୂଚନା ମିଳିଛି। ନୟାଗଡ଼ ବ୍ଲକରେ ସୃଷ୍ଟି ହୋଇଥିବା ଏହି ଘମାସାନ ପରିସ୍ଥିତି ପାଇଁ ବିଜେଡି ଅଡୁଆରେ ପଡ଼ିଥିବା ବେଳେ ବ୍ଲକ ଅଧ୍ୟକ୍ଷ ମଧ୍ୟ ଅଡୁଆରେ ପଡ଼ିଛନ୍ତି। ସମ୍ମାନ ରକ୍ଷା ପାଇଁ ଅଧ୍ୟକ୍ଷ କଣ ପଦକ୍ଷେପ ଗ୍ରହଣ କରିବେ ତାକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। କିଶୋର ଖୁବଶୀଘ୍ର ବହୁ ସଂଖ୍ୟାରେ ସମିତି, ସରପଞ୍ଚ ଓ ବିଜୁ ଜନତା ଦଳ କର୍ମୀଙ୍କୁ ନେଇ ବିଜେପିରେ ମିଶାଇବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ଆଗାମୀ ଦିନରେ ନୟାଗଡ଼ ବ୍ଲକ ରାଜନୀତିରେ ଗୁରୁ-ଶିଷ୍ୟ ଲଢ଼େଇ ଜୋରଦାର ହେବାକୁ ଯାଉଥିବା ବେଳେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଭଳି ଦୁର୍ଗ ନେତାଙ୍କ ଚାଲ୍‌କୁ କିଏ କେତେଦୂର ମାତ ଦେବ, ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

● ଜନପ୍ରତିନିଧିଙ୍କୁ ଅସମ୍ମାନ ଓ ଦୁର୍ବ୍ୟବହାର

## ଭାପୁର ବିଡିଓଙ୍କ ନାମରେ କୋର୍ଟରେ ମାମଲା

**ନୟାଗଡ଼,୧୬।୫(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡାଙ୍କ ନାମରେ କୋର୍ଟରେ ଫୌଜଦାରୀ ମାମଲା ଦାୟର ହୋଇଛି। ଆସନ୍ତା ୧୮ ତାରିଖ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ରହିଛି। ଭାପୁର ବ୍ଲକରେ ଅଧିକାରୀଙ୍କ ମନମାନୀ ଏବଂ ବିଭିନ୍ନ ଅନିୟମିତତା ଘଟଣାକୁ ନେଇ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ଅନ୍ୟ ସମିତିସଭ୍ୟଙ୍କୁ ବିଡିଓ ଦୁର୍ବ୍ୟବହାର କରିଥିଲେ। ଆବାସ ଯୋଜନାର ତାଲିକାକୁ ସୂଚନା ଅଧିକାର ଆଇନରେ ନଦେବା ଏବଂ ବିଭିନ୍ନ କାର୍ଯ୍ୟକୁ ନେଇ ବିଡିଓଙ୍କୁ ଜନପ୍ରତିନିଧିମାନେ ପ୍ରଶ୍ନ କରିଥିବା ବେଳେ ବିଡିଓ ଦୁର୍ବ୍ୟବହାର କରିଥିଲେ। ଯାହାକୁ ନେଇ ଗତ ୭ ଜୁଲାଇ ୨୦୨୫ରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସମେତ ବହୁ ସମିତିସଭ୍ୟ ଫତେଗଡ଼ ଥାନାରେ ଏତଲା ଦେଇଥିଲେ। ଫତେଗଡ଼ ପୁଲିସ ମାମଲା ରୁଜୁ କରି ନ ଥିଲା। ଏହାକୁ ନେଇ ଜନପ୍ରତିନିଧିମାନେ ନୟାଗଡ଼ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। କୌଣସି ସୁଫଳ ନମିଳିବାରୁ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ

**୧୮ ରେ ହାଜର ହେବାକୁ ନୋଟିସ**

ଭାପୁର ଜେଏମ୍‌ଏଫ୍‌ସି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସାକ୍ଷୀଙ୍କ ବୟାନକୁ ଆଧାର କରି କୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ମାମଲା ରୁଜୁ ପାଇଁ ମତାମତ ମାଗିଥିଲେ। ୪ ମାସ ମଧ୍ୟରେ ମତାମତ ନମିଳିବାରୁ କୋର୍ଟ ଏହାକୁ ମାମଲା କରିଥିବା ସୂଚନା ମିଳିଛି। ଭାପୁର ବିଡିଓଙ୍କ ବିରୁଦ୍ଧରେ ୧୪/୨୦୨୫ରେ କୋର୍ଟରେ ମାମଲା ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତା ୨୯୬, ୩୫୨, ୩୫୧ ଏବଂ ୧୩୨ରେ ମାମଲା ରୁଜୁ ହୋଇଛି। ଆସନ୍ତା ୧୮ ତାରିଖ କୋର୍ଟରେ ହାଜିରା ହେବାକୁ ନୋଟିସ ଜାରି କରାଯାଇଛି।

## ୪ ବର୍ଷର ଛୁଆକୁ ଧରି ମା’ ନିଖୋଜ

ଓଡ଼ଗାଁ ୧୬।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରବିଗାଡ଼ିଆ ପଞ୍ଚାୟତ ଅଞ୍ଚଳରୁ ଜନୈକ ମା’ ତାର ୪ ବର୍ଷର ଛୁଆକୁ ନେଇ ବାପଘରୁ କେଉଁଆଡ଼େ ନିଖୋଜ ହୋଇଥିବା ନେଇ ମହିଳାଙ୍କ ବାପଘର ତରଫରୁ ଓଡ଼ଗାଁ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ମାଣିତରା ଗାଁରେ ବିବାହ କରିଥିବା ମହିଳା ଜଣକ ଏଇ କିଛିଦିନ ହେଲା ବାପଘରକୁ ଆସିଥିଲେ। ୨୬ ବର୍ଷିୟ ମହିଳା ଜଣକ ତାଙ୍କର ୪ ବର୍ଷର ଝିଅକୁ ନେଇ ଚାଲିଯିବା ପରେ ପରିବାର ଲୋକେ ବନ୍ଧୁବାନ୍ଧବ ଘର ସହିତ ଅନେକ ସ୍ଥାନରେ ଖୋଜିବା ପରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଅନୁସନ୍ଧାନ ଜାରି ରଖିଛନ୍ତି।

● ଓଡ଼ଗାଁ ଅଜିତ୍ ସାହୁ ହତ୍ୟାକାଣ୍ଡ

## ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଛାନଭିନ୍

ନୟାଗଡ଼,୧୬।୫(ସମିସ): ଓଡ଼ଗାଁ ଖଣି ମାଫିଆଙ୍କ ଦ୍ୱାରା ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଆହୁରି ୩ ଜଣ ଫେରାର ରହିଛନ୍ତି। ଏହି ହତ୍ୟାକାଣ୍ଡ ମାଙ୍କଡ଼ା ଖଣି ଓ ବେଆଇନ ପରିବହନକୁ ନେଇ ଚାନ୍ଦା ଆଦାୟରୁ ଘଟିଥିବା ପୁଲିସ ସୂଚନା ଦେଇଛି। ତଥାପି ହତ୍ୟାକଣ୍ଡ ପଛରେ ଆଉ କଣ ରହସ୍ୟ ରହିଛି ତାହାର ପୁଲିସ ଖୋଳତାଡ଼ କରୁଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲାରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ପୁଲିସ ବିଭାଗକୁ ନିନ୍ଦିତ କରିଥିବାରୁ ପୁଲିସ ମୂଳ ପର୍ଯ୍ୟନ୍ତ ଯିବାକୁ ଯୋଜନା କରିଛି। ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ଜୋରଦାର ଛାନଭିନ୍ ଚଳାଇଥିବା ବେଳେ ଶନିବାର ଜଣେ ମହିଳା ଓ ପୁରୁଷଙ୍କୁ ଥାନାକୁ ଡାକି ପଚରାଉଚରା ଚଳାଇଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ ଅଧିନସ୍ଥ କୋମଣ୍ଡ ଓ ରୋହିବାଙ୍କ ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ ଭାବେ ମାଙ୍କଡ଼ା ଖଣି କାରବାର ଚାଲି ଆସୁଛି। ଏହି ଖଣି କାରବାର ପଛରେ କିଛି ରାଜନୈତିକ ବ୍ୟକ୍ତି ପୃଷ୍ଠପୋଷକତା ମଧ୍ୟ ରହିଛି। ଘଟଣାଦିନ ଦୁଇଟି ମାଙ୍କଡ଼ା ବୋଝେଇ ଗାଡ଼ିକୁ ଅଟକାଇ ସନ୍ତୋଷ ପ୍ରଧାନ ନାମକ ଜଣେ ଯୁବକ ଏବଂ ଅଜିତ୍ କୁମାର ସାହୁ ପୁଲିସକୁ ଖବର ଦେଇଥିଲେ।

ପୁଲିସ ସୂଚନାନୁସାରେ, ସେମାନେ ଚାନ୍ଦା ଆଦାୟ ପାଇଁ ମଧ୍ୟ ଚେଷ୍ଟା କରିଥିଲେ। ମାତ୍ର ଗୋଟିଏ ଟ୍ରକ ମାଲିକ ପୂର୍ଣ୍ଣଚନ୍ଦ୍ରଙ୍କୁ ତାଙ୍କ ଡ୍ରାଇଭର ଘଟଣା ସମ୍ପର୍କରେ ଖବର ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ଉକ୍ତ ସ୍ଥାନରେ ପହଞ୍ଚିବା ପରେ ଟଙ୍କା ଦେବା ନେବାକୁ ନେଇ ବୁଝାମଣା ଚାଲିଥିଲା। ଏହି ସମୟରେ ରୋହିବାଙ୍କ ଗ୍ରାମର ବିଶ୍ୱନାଥ ପଣ୍ଡାଙ୍କ ପୁଅ ଜଗନ୍ନାଥ ପଣ୍ଡା, ମହନ୍ତ ନାୟକ, ରବୀନ୍ଦ୍ର ଭଟ୍ଟ, ମୁନା ସାହୁ ଏକ ମହିନ୍ଦ୍ରା କାର ଏବଂ ବାଇକ ଯୋଗେ ସେଠାରେ ପହଞ୍ଚିଥିଲେ। ପୂର୍ଣ୍ଣଚନ୍ଦ୍ର ଓ ଜଗନ୍ନାଥଙ୍କ ପଥର ବ୍ୟବସାୟରେ ବାରମ୍ବାର ସନ୍ତୋଷ ଓ ଅଜିତ ବାଧା ସୃଷ୍ଟି କରୁଥିବାରୁ ସେମାନେ ଆକ୍ରୋଶ ପ୍ରକାଶ କରିଥିଲେ। ସନ୍ତୋଷ ଓ ଅଜିତ ମୁଖ୍ୟ ରାସ୍ତାକୁ ଚାଲି ଆସି ଯୁକ୍ତିତର୍କ କରିଥିଲେ। ଏହି ଯୁକ୍ତିତର୍କ ସମୟରେ ମହନ୍ତ ନାୟକ ଅଜିତଙ୍କ ବେକକୁ ଧରି ତଳେ ଚାପି ଦେଇଥିଲା। ରବୀନ୍ଦ୍ର ଭଟ୍ଟ, ଜଗନ୍ନାଥ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପ୍ରରୋଚନାରେ ଅଭିଯୁକ୍ତ ମାନସ ମହିନ୍ଦ୍ରା ଗାଡ଼ିରୁ ଏକ ଖଣ୍ଡା ବାହାର କରି ଚୋଟ ପରେ ଚୋଟ ପକାଇ ଚାଲିଥିଲେ। ଅଜିତଙ୍କ ଦୁଇ ହାତ ହାଣିବା ସହ ଦେହର ଅନ୍ୟାନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଅଜିତଙ୍କ ଡାହାଣ ହାତ ଛିଣ୍ଡି ଯାଇଥିବା ବେଳେ ବାମ ହାତ ଆଂଶିକ ଲାଗି ରହିଥିଲା। ଗଣ୍ଡଗୋଳକୁ ଦେଖି ଅଜିତଙ୍କ ସାଥି ସନ୍ତୋଷ ଘଟଣାସ୍ଥଳରୁ ଖସି ଯାଇଥିଲେ। ଅଜିତ୍‌ଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ଅଭିଯୁକ୍ତମାନେ ସେଠାରୁ ଖସି ଯାଇଥିଲେ। ଅଭିଯୁକ୍ତମାନେ ଫେରାର ହୋଇ ଢେଙ୍କାନାଳ ଜିଲ୍ଲା ଭାପୁର ନିକଟସ୍ଥ ଜଙ୍ଗଲରେ ଖଣ୍ଡାକୁ ଫିଙ୍ଗି ଦେଇଥିଲେ। ପୁଲିସ ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଜୋରଦାର ଛାନଭିନ କରାଯାଉଥିବା ସୂଚନା ମିଳିଛି।

## ସାବିତ୍ରୀ ବ୍ରତ ପାଇଁ ମନ୍ଦିରରେ ଭିଡ଼

**ଓଡ଼ଗାଁ,୧୬।୫(ସମିସ):** ଓଡ଼ଗାଁ ବ୍ଲକରେ ସାବିତ୍ରୀ ବ୍ରତ ଶନିବାର ଭକ୍ତିମୟ ପରିବେଶରେ ପାଳିତ ହୋଇଛି। ସ୍ୱାମୀଙ୍କ ଦୀର୍ଘାୟୁ ଓ ସୁଖମୟ ଜୀବନ କାମନା କରି ସଧବା ନାରୀମାନେ ଉପବାସ ରହି ବିଭିନ୍ନ ମନ୍ଦିର ଓ ଘରୋଇ ପରିବେଶରେ ପୂଜାର୍ଚ୍ଚନା କରିଥିଲେ। ଓଡ଼ଗାଁର ସାବିତ୍ରୀ ମନ୍ଦିରରେ ପ୍ରଭାତରୁ ସଧବା ନାରୀମାନଙ୍କ ଭିଡ଼ ଲାଗି ରହିଥିଲା। ନୂଆ ବସ୍ତ୍ର, ସିନ୍ଦୁର, ଚୁଡ଼ି, ଫଳ ଓ ଫୁଲ ଧରି ସେମାନେ ମନ୍ଦିରକୁ ଆସି ପୂଜକଙ୍କ ଦ୍ୱାରା ଭୋଗ ଲଗାଇ ପୂଜା କରିଥିଲେ। ସେହିପରି କେତେକ ଘରେ ପରମ୍ପରା ଅନୁଯାୟୀ ସଧବା ନାରୀମାନେ ଏକତ୍ରିତ ହୋଇ ଶିଳ ଓ ଶିଳପୁଆକୁ ସତ୍ୟବାନ-ସାବିତ୍ରୀ ଭାବେ ସଜାଇ ପୂଜା କରିଥିଲେ। ପ୍ରଥମେ ପଞ୍ଚାମୃତ ଜଳରେ ସ୍ନାନ କରାଇ ବଟା ହଳଦୀରେ ସତ୍ୟବାନ



ଓ ସାବିତ୍ରୀଙ୍କ ରୂପ ଦିଆଯାଇଥିଲା। ପରେ ନୂତନ ବସ୍ତ୍ର ଓ ଅଳଙ୍କାର ପିନ୍ଧାଇ ଧୂପ, ଦୀପ, ପୁଷ୍ପ ଓ ନୈବେଦ୍ୟ ଅର୍ପଣ କରାଯାଇଥିଲା। ବ୍ରତଧାରୀ ନାରୀମାନେ ଉପବାସ ରହି ପ୍ରଭୁଙ୍କ ନିକଟରେ ସ୍ୱାମୀଙ୍କ ସୁସ୍ଥତା ଓ ମଙ୍ଗଳ କାମନା କରିଥିଲେ। ଜୀବନର ଶେଷ ଯାତ୍ରା ପର୍ଯ୍ୟନ୍ତ ପତିଙ୍କ ସହ ସାଥିହୋଇ ରହିବା ପାଇଁ ସେମାନେ ପ୍ରାର୍ଥନା କରିଥିଲେ। ଓଡ଼ଗାଁର ଶ୍ରୀରଘୁନାଥ ଜିଉଙ୍କ ପୀଠ ଓ ଲକ୍ଷ୍ମୀ ମନ୍ଦିର, ଗୟଳ ସିଂହ ମନ୍ଦିର ସହ ଅଞ୍ଚଳରେ ବିଭିନ୍ନ ମନ୍ଦିର ପରିସରରେ ଥିବା ସତ୍ୟବାନସାବିତ୍ରୀ ମନ୍ଦିରରେ ମଧ୍ୟ ସକାଳୁଠାରୁ ଭକ୍ତମାନଙ୍କ ଗହଳି ଦେଖିବାକୁ ମିଳିଥିଲା। ଶୃଙ୍ଖଳାବଦ୍ଧ ଭାବେ ପୂଜାର୍ଚ୍ଚନା ସରିବା ପରେ ସମସ୍ତେ ଘରକୁ ଫେରି ସ୍ୱାମୀଙ୍କୁ ସମ୍ମାନ ଜଣାଇ ପ୍ରସାଦ ସେବନ କରିଥିଲେ।

## ଅନ୍ଧାରରେ ଆଲୋକ ଖୋଜୁଛି ଗଣିଆ

**ଗଣିଆ,୧୬।୫(ସମିସ):** ଆଲୋକୀକରଣ ଯୋଜନାରେ ସରକାର ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। ଛକ, ବଜାର, ହାଟ, ସାହି ରାସ୍ତା ଗୁଡ଼ିକରେ ଷ୍ଟ୍ରିଟ ଲାଇଟ୍ ଲଗାଇ ଜନସାଧାରଣଙ୍କ ଯାତାୟତ ସୁବିଧା ହୋଇପାରୁଛି। କିନ୍ତୁ ଦୀର୍ଘ ଦିନ ହେବ ଗଣିଆ ବଜାର କିଟିକିଟି ଅନ୍ଧାରରେ ଥିବା ଦେଖିବାକୁ ମିଳିଛି। ବଜାର ପରିସରରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍ ଗୁଡ଼ିକ ଦୀର୍ଘ ଦିନ ହେବ ଅଚଳ ହୋଇ ଗଲାଣି। ଫଳରେ ସନ୍ଧ୍ୟା ହେଲେ ସଂପୂର୍ଣ୍ଣ ବଜାର ପରିସର ଅନ୍ଧକାର ପାଲଟି ଯାଉଛି। ବ୍ୟବସାୟୀଙ୍କ ସମେତ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତିରେ ଯାତାୟତରେ ଅସୁବିଧା ହେବା ସହିତ ଚୋରି ବୃଦ୍ଧି ହେବାର ଆଶଙ୍କା ଦେଖାଦେଇଛି। ଗଣିଆ ବଜାର ରାସ୍ତା ଖୋର୍ଦ୍ଧା ବଲାଙ୍ଗୀର ରାଜ୍ୟ ରାଜପଥ ସହିତ ସଂଯୋଗ ହୋଇଥିବାରୁ ରାତିରେ ଅନେକ ବସ୍ ଟ୍ରକ୍ ଯାତାୟାତ କରୁଛି। ବଜାର ପରିସର ଅନ୍ଧାର ରହୁଥିବା ବେଳେ ମଝି ବଜାରରେ ଏକ ବଡ଼ ବୁଲାଣି ରହିଛି। ତେଣୁ କେତେବେଳେ ଯେ ଦୁର୍ଘଟଣା ନଘଟିବ କହିହେବ ନାହିଁ। ଅଚଳ ଲାଇଟ୍ ଗୁଡିକ ମରାମତି କରିବାକୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଏଥିପ୍ରତି କେହି ବି ଦୃଷ୍ଟି ଦେଉନାହାନ୍ତି। ବିଶେଷକରି ମହିଳା ଏବଂ ଛାତ୍ରୀ ମାନେ ସନ୍ଧ୍ୟା ହେଲେ ବଜାରକୁ ଆସିବାକୁ ସୁରକ୍ଷିତ ମଣୁ ନାହାନ୍ତି। ଏହି ବଜାର ଉପରେ ଗଣିଆ ବ୍ଲକ ସହିତ ପଡୋଶୀ ଖଣ୍ଡପଡ଼ା, ନରସିଂହପୁର ଅଞ୍ଚଳର ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ନିର୍ଭର କରୁଥିବାରୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

● କାମରେ ଆସୁନି ୧୪ ଲକ୍ଷର ମାର୍କେଟ କମ୍ପ୍ଲେକ୍ସ

## ଅବହେଳାରୁ ଅବ୍ୟବହୃତ ସରକାରୀ ସମ୍ପତ୍ତି



**ନୂଆଗାଁ,୧୬।୫(ସମିସ):** ନୂଆଗାଁ ବ୍ଲକ ଅନ୍ତର୍ଗତ ସିଙ୍ଗାରପଲ୍ଲୀ ପଞ୍ଚାୟତ କଇଥପଲ୍ଲୀ ଗ୍ରାମ ନିକଟରେ ୧୪ଲକ୍ଷ ଟଙ୍କାରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଗୃହ ବର୍ତ୍ତମାନ ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଛି। ଗ୍ରାମ ଓ ପାଖାପାଖି ଅଞ୍ଚଳର ଚାଷୀ, କ୍ଷୁଦ୍ର ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ସୁବିଧା ପାଇଁ ଏହି ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରାଯାଇଥିଲା। ଗ୍ରାମୀଣ ଅଞ୍ଚଳରେ ବ୍ୟବସାୟିକ କାର୍ଯ୍ୟକଳାପ ବଢ଼ାଇବା ଓ ସ୍ଥାନୀୟ ଲୋକଙ୍କୁ ଏକ ସୁବିଧାଜନକ ବଜାର ବ୍ୟବସ୍ଥା ଯୋଗାଇବା ଥିଲା ଏହାର ମୂଳ ଉଦ୍ଦେଶ୍ୟ। କିନ୍ତୁ ନିର୍ମାଣ କାମ ଗତବର୍ଷ ଠାରୁ ଶେଷ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହି ମାର୍କେଟ କମ୍ପ୍ଲେକ୍ସକୁ ବିଦ୍ୟୁତ୍ ସଂଯୋଗ ପାଇଁ ପଞ୍ଚାୟତ ପକ୍ଷରୁ ବିଦ୍ୟୁତ୍ ବିଭାଗକୁ ଚିଠି କରାଯାଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ସଂଯୋଗ ମିଳିପାରିନାହିଁ। ପଞ୍ଚାୟତ ପକ୍ଷରୁ କେତେ ଟଙ୍କା ଡିପୋଜିଟ୍ କରାଯିବ ସେ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କୌଣସି ସ୍ପଷ୍ଟ ସୂଚନା ଦେଇନଥିବା କୁହାଯାଇଛି। ଏଥିସହ ଚଳିତବର୍ଷ ମାର୍କେଟ କମ୍ପ୍ଲେକ୍ସ ନିଲାମ ପ୍ରକ୍ରିୟା ପାଇଁ ପ୍ରସ୍ତୁତି ହୋଇଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ନଥିବାରୁ କୌଣସି ବ୍ୟବସାୟୀ ଦୋକାନ ନେବାକୁ ଆଗ୍ରହ ପ୍ରକାଶ କରିନଥିଲେ। ଅବ୍ୟବହୃତ ଅବସ୍ଥାରେ ପଡ଼ି ଏହା ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବାବଦରେ ସିଙ୍ଗାରପଲ୍ଲୀ ପଞ୍ଚାୟତ ପିଇଓଙ୍କୁ ପଚାରିବାରୁ ଏ ଦିଗରେ ଆମେ ଦୃଷ୍ଟି ଦେବୁ ବୋଲି କହିଛନ୍ତି।

## ସାତ ଘଣ୍ଟାରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ବିଚ୍ଛିନ୍ନ; ହନ୍ତସନ୍ତ ଓଡ଼ଗାଁବାସୀ

**ଓଡ଼ଗାଁ,୧୬।୫(ସମିସ):** ଓଡ଼ଗାଁ ଅଞ୍ଚଳରେ ପୁଣି ଥରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଶନିବାର ସକାଳୁ ମେଘ କିମ୍ବା ପବନ ନଥିବା ସତ୍ତ୍ୱେ ୩୩ କେଭି ଲାଇନ୍ ଫଲଟ୍ ହେବାରୁ ପ୍ରାୟ ୭ ଘଣ୍ଟାରୁ ଅଧିକ ସମୟ ଧରି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ରହିଛି। ତେବେ ଏପର୍ଯ୍ୟନ୍ତ ତ୍ରୁଟିର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବାରୁ ସମୟ ବୃଦ୍ଧି ପାଇପାରେ। ଏଭଳି ଘଟଣାକୁ ନେଇ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ପ୍ରବଳ ଗରମ ଓ ଗୁଳୁଗୁଳି ମଧ୍ୟରେ ବିଦ୍ୟୁତ୍ ବିଚ୍ଛିନ୍ନ ହେବାରୁ ଲୋକମାନେ ଅସହ୍ୟ କଷ୍ଟ ଭୋଗୁଛନ୍ତି। ବିଟଳଗାଡ଼ିଆ ନିକଟ ବୈଷ୍ଣୋଦେବୀ ମନ୍ଦିର ଓ ସୋଲପଟା ରାସ୍ତାର ଭୁଇଁଆଣି କ୍ରସର ପଛପାଖରେ ତ୍ରୁଟି ଚିହ୍ନଟ ହୋଇଥିବା ବେଳେ, କେତେବେଳେ ମରାମତି ସରିବ ଏବଂ କେବେ ପୁନଃ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେବ ସେନେଇ ମଧ୍ୟରେ ଅନିଶ୍ଚିତତା ଲାଗି ରହିଛି। ଗତ ଏକ ମାସ ମଧ୍ୟରେ ନୟାଗଡ଼ ଓଡ଼ଗାଁ ୩୩ କେଭି ଲାଇନରେ ୭୦ ଥରରୁ ଉର୍ଦ୍ଧ୍ୱ ଥର ତ୍ରୁଟି ଘଟିଥିବା ବେଳେ ପ୍ରାୟ ୩ ଶହ ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ରହିଛି। ବାରମ୍ବାର ଏପରି ସମସ୍ୟା ଦେଖା ଦେଉଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ନେଇ ବିଦ୍ୟୁତ୍ ବିଭାଗର ପକ୍ଷରୁ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହେଉଛି। ଅନ୍ୟପଟେ ନୟାଗଡ଼ ଗ୍ରୀଡ୍‌ରୁ ନୟାଗଡ଼, ବିନୋଦପଡା, ଖଣ୍ଡପଡ଼ା, ଦଶପଲ୍ଲା, ଓଡ଼ଗାଁ, ଶରଣକୁଳ, ମାଛିପଡା, ଗୋଡ଼ିପଡା, କୁରାଳ ଓ ହରିପୁର ସହ ୧୦ଟି ୩୩ କେଭି ଫିଡରକୁ ବିଦ୍ୟୁତ୍ ଯୋଗାଣ ହେଉଛି। କିନ୍ତୁ ଏହି ସମସ୍ତ ଫିଡରର ମରାମତ କାମ ପାଇଁ ମାତ୍ର ଦୁଇଟି ଟିମ୍ ନିଯୁକ୍ତ ରହିଥିବାରୁ ଏକାସାଙ୍ଗେ ଏକାଧିକ ଫିଡରରେ ତ୍ରୁଟି ହେଲେ ମରାମତି କାମ ବିଳମ୍ବ ହେବା ସ୍ୱାଭାବିକ। ଗ୍ରୀଷ୍ମକାଳରେ ଏପରି ଘନଘନ ବିଦ୍ୟୁତ୍ ବିଭ୍ରାଟ ଲୋକଙ୍କ ପାଇଁ ଅସହ୍ୟ ପରିସ୍ଥିତି ସୃଷ୍ଟି କରୁଥିବା ବେଳେ ବିଭାଗ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ଓ ଅତିରିକ୍ତ କର୍ମଚାରୀ ନିଯୁକ୍ତି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏପରି ସମସ୍ୟା ଲାଗାତର ଜାରି ରହୁଥିବାରୁ ଲୋକଙ୍କ ଧର୍ଯ୍ୟଚ୍ୟୁତି ଘଟିବାକୁ ବସିଲାଣି। ଏଣୁ ପରବର୍ତ୍ତୀ ପରିସ୍ଥିତି ପାଇଁ ବିଭାଗୀୟ ଅଧିକାରୀ ମାନେ ଦାୟୀ ରହିବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ନୟାଗଡ଼ରେ ତୈଳ ସଙ୍କଟ ସାଂଘାତିକ

# ଡିଜିଟାଲ୍ ପେମେଣ୍ଟକୁ ଟାଙ୍କି ମାଲିକଙ୍କ ନାଁ

ନୟାଗଡ଼,୧୬।୫(ସମିସ)

ନୟାଗଡ଼ ଜିଲ୍ଲାରେ ତୈଳ ସଙ୍କଟ ସାଂଘାତିକ ପରିସ୍ଥିତି ସୃଷ୍ଟି କରିଛି। ଅନେକ ପେଟ୍ରୋଲ ଟାଙ୍କିରେ ତେଲ ନଥିବା ଦର୍ଶାଇ ଟାଙ୍କି ବନ୍ଦ କରାଯାଇଛି। ଯେଉଁ ଟାଙ୍କିରେ ତେଲ ମହଜୁଦ ଅଛି, ସେଠାରେ ମାଲିକ ଓ କର୍ମଚାରୀଙ୍କ ମନମୁଖୀ ଚାଲିଛି। ଖାଉଟିଙ୍କୁ ଦୁର୍ବ୍ୟବହାର ସହ ମନଇଚ୍ଛା ନିୟମ ଲାଗୁ କରୁଛନ୍ତି। ଆଜି ନୟାଗଡ଼ ସହର ଆଖପାଖ ଅଞ୍ଚଳରେ ତେଲ ସଙ୍କଟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ନୟାଗଡ଼ ଟାଉନଥାନା ନିକଟରେ ଥିବା ପ୍ରେଟୋଲ ପମ୍ପରେ କର୍ମଚାରୀଙ୍କ ମନମୁଖୀ ନିୟମ ହିତାଧିକାରୀଙ୍କୁ ଅଡୁଆରେ ପକାଇଛି। ପ୍ରେଟୋଲ ଗାଡ଼ି ପିଛା ୨ ଶହ ଟଙ୍କାରୁ ଅଧିକ



ଦିଆଯିବ ନାହିଁ ବୋଲି ସିଧାସଳଖ ମନା କରୁଥିବା ବେଳେ ଡିଜିଟାଲ ପେମେଣ୍ଟ ମଧ୍ୟ ଗ୍ରହଣ ଯୋଗ୍ୟ ନୁହେଁ ବୋଲି ନିୟମ କରାଯାଇଛି। ଅନେକ ହିତାଧିକାରୀ ଧାଡ଼ିରେ ରହି ନଗଦ ଟଙ୍କା ନଥିବାରୁ ତେଲ ନପକାଇ ଫେରିଥିଲେ। ଡିଜିଟାଲ ପେମେଣ୍ଟ ବନ୍ଦ କରାଯିବା ପଛର କାରଣ କଣ ବୋଲି ସାଧାରଣରେ ପ୍ରଶ୍ନ ଉଠୁଥିବା ବେଳେ ଗୋଟିଏ ଗାଡ଼ି ପିଛା ୨ ଶହ ଟଙ୍କାରୁ ଅଧିକ ପେଟ୍ରୋଲ କାହିଁକି ଦିଆଯିବ ନାହିଁ ବୋଲି ଆଲୋଚନା ହେଉଛି। ନୟାଗଡ଼ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ତେଲ ସଙ୍କଟ ଦେଖାଯାଇଛି। ଅନେକ ସ୍ଥାନରେ ପେଟ୍ରୋଲ ପମ୍ପ ଗୁଡ଼ିକ ବନ୍ଦ କରାଯାଇଛି। ସରକାର ତେଲ ମହଜୁଦ ଥିବା କହୁଥିବା ବେଳେ ବାସ୍ତବରେ ଏହି ପରିସ୍ଥିତି ସୃଷ୍ଟି ପଛରେ ପେଟ୍ରୋଲ ଟାଙ୍କି ମାଲିକଙ୍କ କଳାବଜାରୀ ଉଦ୍ଦେଶ୍ୟ ମୁଖ୍ୟ କାରଣ ବୋଲି ଅଭିଯୋଗ ହେଉଛି। ଟାଙ୍କି ମାଲିକମାନେ ଖୋଲା ବଜାରରୁ ପେଟ୍ରୋଲ ଲିଟର ପିଛା ୧୨୦ ଟଙ୍କାରେ ବିକ୍ରି କରିବାକୁ ଖାଉଟିଙ୍କୁ ତେଲ ନଥିବା କହୁଛନ୍ତି। ଟାଙ୍କିରୁ ତେଲ ନିଆଯାଇ ବାହାରରେ କଳାବଜାରୀ କରାଯାଉଛି। ଯାହାକୁ ନେଇ ସାଧାରଣ ଲୋକେ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ନୟାଗଡ଼ ଜିଲ୍ଲାରେ ସୃଷ୍ଟି ହୋଇଥିବା ପରିସ୍ଥିତି ପାଇଁ ଆଜି ସାଧାରଣ ଲୋକେ ହଇରାଣ ହୋଇଥିବା ବେଳେ ଆଗାମୀ ଦିନରେ ଏଭଳି ପରିସ୍ଥିତି ପାଇଁ ଭୟାବହ ସ୍ଥିତି ସୃଷ୍ଟି ହେବ ବୋଲି ଆଶଙ୍କା କରଯାଉଛି। ଜିଲ୍ଲାରେ ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଥିବା ଜିଲ୍ଲାପାଳ ଗଣମାଧ୍ୟମକୁ କହିଛନ୍ତି। କୌଣସି ପ୍ରକାର ପାନିକ ନକରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଯୋଗାଣ ବିଭାଗ ସହ ଆଲୋଚନା କରାଯାଇ ପାଟ୍ରୋଲିଂ କରିବାକୁ ପରାମର୍ଶ ଦେବେ ବୋଲି କହିଛନ୍ତି।

### ପମ୍ପରେ ତାଲା ଝୁଲୁଛି; ଜନସାଧାରଣ ହନ୍ତସନ୍ତ

**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଅବସ୍ଥିତ ୮ ଟି ପେଟ୍ରୋଲ ଟାଙ୍କିରେ ଗତ ୨ ଦିନ ଧରି ପେଟ୍ରୋଲ ଓ ଡିଜେଲ ମିଳୁନଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୨ ଦିନ ତଳେ ସମସ୍ତ ଟାଙ୍କିରେ ତେଲ ପକାଇବା ନିମନ୍ତେ ବାଇକ ଓ କାର ଚାଳକଙ୍କଠାରୁ ଆରମ୍ଭ କରି ଗାଁ ଗାଁରେ କଳାବଜାରରେ ପେଟ୍ରୋଲ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଭିଡ ଦେଖିବାକୁ ମିଳିଥିଲା। ବ୍ୟବସାୟୀମାନେ ଟାଙ୍କିରୁ ଶହ ଶହ ଲିଟର ପେଟ୍ରୋଲ ପ୍ଲାଷ୍ଟିକ ଜାରକିନରେ ବୋହି ନେଇଥିଲେ। ଟାଙ୍କିରେ ତେଲ ନଥିବାରୁ ପେଟ୍ରୋଲ ଟାଙ୍କି ଗୁଡିକରେ ଏବେ ତାଲା ଝୁଲୁଛି। ଫଳରେ ଯାନବାହନ ଓ ବାଇକ ଚାଳକମାନେ ତେଲ ନପାଇ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ରାଜ୍ୟରେ ତୈଳର ଅଭାବ ନାହିଁ ବୋଲି ସରକାର କହୁଥିଲେ ହେଁ ଖଣ୍ଡପଡ଼ା ସହରସ୍ଥିତ ତ୍ରିନାଥ ଛକ, ଖଣ୍ଡପଡ଼ା ଖଳିସାହି ରାସ୍ତାରେ ଥିବା ପେଟ୍ରୋଲ ପମ୍ପ, ବାହାଡା, ସିଂଘାପଡ଼ା, ଯୋଗିଆପଲ୍ଲୀ, କଣ୍ଟିଲୋ, ସିଧାମୂଳା ଗ୍ରାମସ୍ଥିତ ପେଟ୍ରୋଲ ପମ୍ପରେ ତେଲ ନଥିବା ଜଣାପଡିଛି। ଏକ ସଙ୍ଗରେ ସମସ୍ତ ପେଟ୍ରୋଲ ପମ୍ପରେ ତେଲ ଖାଲି ହୋଇଯିବା ପରୋକ୍ଷରେ ଏହା ପେଟ୍ରୋଲ,ଡିଜେଲର କଳାବଜାରୀକୁ ପ୍ରୋତ୍ସାହନ ଦେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

### ଶହେ ଟଙ୍କାରୁ ଅଧିକକୁ ନାଁ

**ନୂଆଗାଁ:** ବିଭିନ୍ନ ପେଟ୍ରୋଲ ପମ୍ପ ନିକଟରେ ଲମ୍ବା ଧାଡ଼ି ଦେଖିବାକୁ ମିଳୁଥିବା ବେଳେ କେଉଁଠି ତାଲା ଝୁଲୁଛି। ଏହିଭଳି ସମୟରେ ଗ୍ରାମାଞ୍ଚଳରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଲମ୍ବା ଧାଡ଼ି ସହିତ ଗୋଟିଏ ଗାଡ଼ି ପିଛା ଶହେ ଟଙ୍କାର ପେଟ୍ରୋଲ ମିଳୁଥିବାରୁ ଦୂର ସ୍ଥାନକୁ



ଯାତ୍ରା କରିବାକୁ ଲୋକେ ଇଚ୍ଛା କରୁନାହାନ୍ତି। ଏହିଭଳି ସମସ୍ୟା ଦେଖିବାକୁ ମିଳିଛି ନୂଆଗାଁ ବ୍ଲକ ଅନ୍ତର୍ଗତ ବାହାଡ଼ାଖୋଲା ଓଡ଼ଗାଁ ରାସ୍ତା ହାତିଆସିଳା ଛକ ନିକଟରେ ଥିବା ପେଟ୍ରୋଲ ପମ୍ପ ନିକଟରେ। ଏହି ପମ୍ପ ଉପରେ ହାରାହାରି ୧୦ଟି ପଞ୍ଚାୟତର ଜନସାଧାରଣ ଓ ଗଞ୍ଜାମକୁ ସଂଯୋଗ କରୁଥିବା ରାସ୍ତା ରହିଥିବାରୁ ଏହି ପୂର୍ତ୍ତ ବିଭାଗ ରାସ୍ତା ଉପରେ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଯାତାୟାତ କରୁଥିବା ଏହି ପେଟ୍ରୋଲ ପମ୍ପ ଉପରେ ନିର୍ଭର କରିଥାନ୍ତି। ଚାଷୀ ଟ୍ରାକ୍ଟର ସହାୟତାରେ ଚାଷ କାର୍ଯ୍ୟ ଆରମ୍ଭ କରିଲେଣି। କିନ୍ତୁ ଏପଟେ ଡିଜେଲ୍ ପେଟ୍ରୋଲ ସଂକଟ ସୃଷ୍ଟି ହୋଇଛି। ଏକ ପ୍ରକାର ଜନସାଧାରଣ ଆଶା ଆଶଙ୍କାରେ ରହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହୋଇଛି।

